# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର

ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧

(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)



ପତ୍ରିକା ସଂଖ୍ୟା- ୮୭/୨୫


## ଜିଲ୍ଲା-ଯାଜପୁର

ତା.୩୧.୧୦.୨୦୨୫

**ପାଣିପାଗ ପୂର୍ବାନୁମାନ (ତା.୦୫.୧୧.୨୦୨୫ପର୍ଯ୍ୟନ୍ତ)-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ଅତି ହାଲୁକାରୁ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ।**ପବନର ବେଗ ୦୪-୦୬ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି| ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୧-୩୩°C ଏବଂ ୨୦-୨୧°C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| JAJPUR | 2025-11-01 | 7 | 31 | 21 | 4 | 95 | 62 | 4 | 228 |
| | 2025-11-02 | 5 | 32 | 20 | 4 | 92 | 59 | 4 | 265 |
| | 2025-11-03 | 5 | 32 | 20 | 4 | 92 | 62 | 4 | 305 |
| | 2025-11-04 | 1 | 32 | 20 | 2 | 93 | 59 | 6 | 7 |
| | 2025-11-05 | 2 | 33 | 20 | 2 | 87 | 59 | 6 | 345 |

### ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | | |
|---|---|---|
| | ➢ ଧାନ କ୍ଷେତରେ ମାଟିଆ ଗୁଣ୍ଡିଆ ପୋକ ,ହଳଦିଆ କାଣ୍ଡ ବିନ୍ଧା ପୋକ, ହୋର୍ଲ୍ ମ୍ୟାଗ୍ଟ କାର୍ଯ୍ୟକଳାପକୁ ଏବଂ ଶିଥ୍ ବ୍ଲାଇଟ୍ , ମହିଷା ଏବଂ ବୀଜାଣୁ ଜନିତ ପତ୍ରପୋଡା ରୋଗକୁ ପ୍ରତିରୋପଣ କରିବା ପରେ ତଦାରଖ କରନ୍ତୁ<br>➢ ଡଙ୍କ ଜାତୀୟ ପନିପରିବାରେ ରଞ୍ଜାକୁ ମରାମତି କରି ସଳଖ କରନ୍ତୁ ।<br>➢ ଗୁହଳରୁ ପାଣି ଓ ପଶୁମାନଙ୍କ ମଳମୂତ୍ରକୁ ବାହାର କରି ଫିନାଇଲ ଏବଂ bleaching ପାଉଡର ପକାଇ ସଫା କରନ୍ତୁ । | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| ଖରିଫ ଧାନ | ଥୋଡ ଅବସ୍ଥା | ➢ ବର୍ତ୍ତମାନର ପାଗ ଧାନରେ ମାଟିଆ ଗୁଣ୍ଡି ପୋକ ସଂକ୍ରମଣ ପାଇଁ ଅନୁକୂଳ ରହିଛି। ଏହାକୁ ପରିଚାଳନା କରିବା ପାଇଁ ଫ୍ଲୋନିକାମିଡ୍ ୫୦ ଡବ୍ଲୁ.ଜି. ୬୦ ଗ୍ରାମ୍/ଏକର କିମ୍ବା ଡାଇନୋଟେଫୁରାନ୍ ୮୦ ଗ୍ରାମ୍/ଏକର କିମ୍ବା (ଇଥିପ୍ରୋଲ + ପାଇମେଟ୍ରୋଜିନ୍) ୧୭୦ ଗ୍ରାମ୍/ଏକର ସିଂଚନ କରନ୍ତୁ ।<br>➢ ଧାନ କ୍ଷେତରେ ମାଟିଆ ଗୁଣ୍ଡିଆ ପୋକର ବଂଶ ବୃଦ୍ଧିକୁ ତଦାରଖ କରନ୍ତୁ।<br>➢ ବାତ୍ୟା ପରେ ଅଧିକ ବର୍ଷା ଓ ପବନ ଫଳରେ ଧାନ ଫସଲ ରେ ଜୀବାଣୁ ଜନିତ ପତ୍ର ପୋଡ଼ା ରୋଗ ଏବଂ ମହିଷା ରୋଗ ର ପରିଚାଳନା ପାଇଁ ଏକର ପ୍ରତି (ଟେବୁକୋନାଜୋଲ୍ 50% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ 25% WG) @ ର ମିଳିତ ଫିମ୍ପିନାଶକ କୁ ୦.୪ ଗ୍ରାମ / ଲିଟର ପାଣିରେ ମିଶାଇ ସିଂ ଚନ କରନ୍ତୁ ।<br>➢ ଧାନ ଫସଲ ରେ ପତ୍ର ମୋଡା ପୋକ ନିୟନ୍ତ୍ରଣ କରିବା ପାଇଁ Chlorontraniliprole 18.5%SC ଏକର ପ୍ରତି 60ml କିମ୍ବା Cartap hydrochloride 50%SP ଲିଟର ପ୍ରତି 2gm ବା ଏକର ପ୍ରତି 400gm କିମ୍ବା Fipronil 5%SC ଲିଟର ପ୍ରତି 2ml ବା ଏକର ପ୍ରତି 400ml ହିସାବରେ ଅପରାହ୍ନରେ ସ୍ପ୍ରେ କରନ୍ତୁ। |
| ଆଖୁ | ବିଶେଷ ଅଭିବୃଦ୍ଧି | ➢ ଆଖୁରେ ଦହିଆ ପୋକ ଏବଂ କାଟିପୋକ ନିୟନ୍ତ୍ରଣ କରିବା ପାଇଁ ଥିଆମେଟୋକ୍ସାମ @ 80g / ଏକର ଏବଂ ଲମ୍ବଡା ସାଇହାଲୋଥ୍ରିନ୍ @ 4.9CS @ 250ml / ଏକରର ସିଞ୍ଚନ କରନ୍ତୁ । |
| ପନିପରିବା | ନର୍ସରୀ /ଫୁଲ/ଫଳ ଅବସ୍ଥା | ➢ ଅଧିକା ବର୍ଷା ହେତୁ ବାଇଗଣରେ ଝାଉଁଳା ରୋକିବା ପାଇଁ କ୍ଷେତରୁ ଅତିରିକ୍ତ ପାଣିକୁ ବାହାର କରିଦିଅ। ପଟାଶ ସାର ସହ tebuconazole @୧ ଗ୍ରାମ /ଲିଟରକୁ plantomycin@୧ ଗ୍ରାମ /ଲିଟର ସହ ପାଣିରେ ମିଶାଇ ପ୍ରୟୋଗ କରନ୍ତୁ।<br>➢ ଡଙ୍କ ଜାତୀୟ ପନିପରିବାରେ ରଞ୍ଜାକୁ ମରାମତି କରି ସଳଖ କରନ୍ତୁ ଏବଂ ପଡ଼ିଯାଇଥିବା ଡଙ୍କକୁ ରଶି ସାହାଜ୍ୟରେ ବାନ୍ଧି ଦିଅନ୍ତୁ । |

| | | |
|---|---|---|
| | | ➢ ବାତ୍ୟା ପରେ ଯଦି ତାରା ନଷ୍ଟ ହେଇଯାଇଛି ଲିଟର ପାଣି ପ୍ରତି ୨ଗ୍ରାମ (ମେଟାଲାକସିଲ + ମାଙ୍କୋଜେବ) ସହ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ପ୍ରୟୋଗ କରନ୍ତୁ।<br>➢ ବାଇଗଣ ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୦.୪ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୦.୪ ମି.ଲି. ସ୍ପିନୋସାଡ ପ୍ରୟୋଗ କରନ୍ତୁ । |
| ଫଳ | | ❖ ପିଜୁଳି ଗଛ ରେ ରୋଗ ଲାଗିଥିବା ଡାଳ, ତଳକୁ ଲାଗୁଥିବା ଡାଳ, ଅଧିକ ଗହଳି ହୋଇଥିବା ଡାଳ କୁ ଭୂମି ଠାରୁ ୭୦-୮୦ ଉପରକୁ କାଟନ୍ତୁ ।ଏହା ପରେ Copper oxychloride 50% WP ଲେପ ପ୍ରସ୍ତୁତ କରି ଦିଅନ୍ତୁ କିମ୍ବା ଲିଟର ପ୍ରତି ୨.୫ ଗ୍ରାମ ହିସାବରେ ଅପରାହ୍ନରେ ସ୍ପ୍ରେ କରନ୍ତୁ।<br>❖ ଗଛ ମୂଳରୁ ଘାସ ସଫା କରନ୍ତୁ। ଗଛ ମୂଳ ରୁ 2 ft ଛାଡ଼ି ଗଛ ପ୍ରତି ୨ ଝୁଡ଼ି ଗୋବର ଖତ , ୪୦୦ ଗ୍ରାମ Urea, ୩୦୦ ଗ୍ରାମ DAP ଓ ୨୦୦ ଗ୍ରାମ Potash ସାର ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ Zinc ଓ Boron ଅଣୁସାର କୁ ଅପରାହ୍ନରେ ସ୍ପ୍ରେ କରନ୍ତୁ।<br>❖ ନଡିଆ- ଲାଲ୍ ତାଳପୋକ ଏବଂ ଗଣ୍ଡା ଭୃଙ୍ଗର କାର୍ଯ୍ୟକଳାପ ଉପରେ ନଜର ରଖ। ଗଣ୍ଡା ଭୃଙ୍ଗର ବିକାଶଶୀଳ ଅବସ୍ଥାକୁ ମାରିବା ପାଇଁ ନିକଟସ୍ଥ ଖତ ଗର୍ତ୍ତରେ ଲାମ୍ବଡା ସାଇହାଲୋଥ୍ରିନ 1.2 ମିଲି/ଲିଟର ପାଣି ସିଞ୍ଚନ କରନ୍ତୁ। |
| ପଶୁପାଳନ | | ❖ ଯଦି ପଶୁମାନଙ୍କୁ ଏଫଏମଡି , ହେମୋରେଜିକ୍ ସେପ୍ଟିକେମିଆ, ବ୍ଲାକ୍ କ୍ୱାର୍ଟର୍, ଏଣ୍ଟେରୋଟକ୍ସେମିଆ ଇତ୍ୟାଦି ଟୀକାକରଣ କରାଯାଇ ନାହିଁ, ତେବେ ତାହା କରିବା ଆବଶ୍ୟକ \|<br>❖ ପଶୁମାନଙ୍କୁ ରୋଗ ଏବଂ କୀଟପତଙ୍ଗରୁ ରକ୍ଷା କରିବା ପାଇଁ ଗୁହାଳକୁ ସଫା ଏବଂ ଶୁଷ୍କ ରଖନ୍ତୁ \| |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

| | |
|---|---|
| Mrs. Meera Mahanty | Dr. Biswaranjan Nayak |
| Jr. Agrometeorologist | ADR & NODAL OFFICER |
| AMFU, RRTTS, Ranital | AMFU, RRTTS, Ranital |